ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ ( ଭାଗ – ୩ )

108 Upanishad ( Vol – 3 )


**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan


**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia


ଉପଦେଷ୍ଟା

**ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର**

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ୱତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ଶାକ୍ତ ଉପନିଷଦ

(Shaakta Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ବହ୍ୱୃଚ ଉପନିଷଦ

(Bahvruchopanisat / Bahvrucha Upanishad)

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ (**Proofreading by)

ଶ୍ରୀ କୁମୁଦ ଚନ୍ଦ୍ର ଶତପଥୀ




## ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


# ଶୁଦ୍ଧିକରଣ




## ଶ୍ରୀ କୁମୁଦ ଚନ୍ଦ୍ର ଶତପଥୀ

ଦେବଗଡ, ଓଡିଶା,

kumuda.youngindia@gmail.com

# ବହ୍ବୃଚୋପନିଷତ୍ / ବହ୍ବୃଚ ଉପନିଷଦ

## ।। ଅଥ ବହ୍ବୃଚୋପନିଷତ୍ ।।

ବହ୍ବୃଚାଖ୍ୟବ୍ରହ୍ମବିଦ୍ୟାମହାଖଣ୍ଡାର୍ଥବୈଭବମ୍ ।
ଅଖଣ୍ଡାନନ୍ଦସାମ୍ରାଜ୍ୟଂ ରାମଚନ୍ଦ୍ରପଦଂ ଭଜେ ।।

ଓଁ ବାଙ୍ମେ ମନସି ପ୍ରତିଷ୍ଠିତା । ମନୋ ମେ ବାଚି ପ୍ରତିଷ୍ଠିତମ୍ ।
ଆବିରାବୀର୍ମ ଏଧି । ବେଦସ୍ୟ ମ ଆଣୀସ୍ଥଃ । ଶ୍ରୁତଂ ମେ ମା ପ୍ରହାସୀଃ ।
ଅନେନାଧୀତେନାହୋରାତ୍ରାନ୍ ସଂଦଧାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି ।
ତନ୍ମାମବତୁ । ତଦ୍ବକ୍ତାରମବତୁ ।
ଅବତୁ ମାମ୍ । ଅବତୁ ବକ୍ତାରମ୍ । ଅବତୁ ବକ୍ତାରମ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ।।
ଦେବୀ ହ୍ୟେକାଗ୍ର ଆସୀତ୍ ସୈବ ଜଗଦଣ୍ଡମସୃଜତ୍ । କାମକଲେତି ବିଜ୍ଞାୟତେ ।
ଶୃଙ୍ଗାରକଲେତି ବିଜ୍ଞାୟତେ ତସ୍ୟା ଏବ ବ୍ରହ୍ମା ଅଜୀଜନତ୍ ।
ବିଷ୍ଣୁରଜୀଜନତ୍ । ରୁଦ୍ରୋଽଜୀଜନତ୍ । ସର୍ବେ ମରୁଦ୍ଗଣା ଅଜୀଜନତ୍ ।
ଗନ୍ଧର୍ବାପ୍ସରସଃ କିଂନରା ବାଦିତ୍ରବାଦିନଃ ସମନ୍ତାଦଜୀଜନତ୍ ।
ଭୋଗ୍ୟମଜୀଜନତ୍ । ସର୍ବମଜୀଜନତ୍ । ସର୍ବଂ ଶାକ୍ତମଜୀଜନତ୍ ।
ଅଣ୍ଡଜଂ ସ୍ୱେଦଜମୁଦ୍-ଭିଜ୍ଜଂ ଜରାୟୁଜଂ ୟତ୍କିଂଚୈତତ୍-ପ୍ରାଣି
ସ୍ଥାବରଜଙ୍ଗମଂ ମନୁଷ୍ୟମଜୀଜନତ୍ ।।

Not For Commercial Use

ସୈଷାଽପରା ଶକ୍ତିଃ । ସୈଷା ଶାଂଭବୀ ବିଦ୍ୟା
କାଦିବିଦ୍ୟେତି ବା ହାଦିବିଦ୍ୟେତି ବା ସାଦିବିଦ୍ୟେତି ବା ରହସ୍ୟମ୍ ।
ଓମୋଂ ବାଚି ପ୍ରତିଷ୍ଠା ସୈବ ପୁରତ୍ରୟଂ ଶରୀରତ୍ରୟଂ ବ୍ୟାପ୍ୟ ବହିରନ୍ତରବଭାସୟନ୍ତୀ
ଦେଶକାଲବସ୍ତ୍ୱନ୍ତରସଙ୍ଗାନ୍ମହାତ୍ରିପୁରସୁନ୍ଦରୀ ବୈ ପ୍ରତ୍ୟକ୍ ଚିତିଃ ।
ସୈବାତ୍ମା ତତୋଽନ୍ୟଦସତ୍ୟମନାତ୍ମା ଅତ ଏଷ ବ୍ରହ୍ମସଂବିତ୍ତିର୍ଭାବାଭାବକଲାବିନିର୍ମୁକ୍ତା
ଚିଦାଦ୍ୟାଦ୍ୱିତୀୟବ୍ରହ୍ମସଂବିତ୍ତିଃ ସଚ୍ଚିଦାନନ୍ଦଲହରୀ ମହାତ୍ରିପୁରସୁନ୍ଦରୀ
ବହିରନ୍ତରନୁପ୍ରବିଶ୍ୟ ସ୍ୱୟମେକୈବ ବିଭାତି ।
ଯଦସ୍ତି ସନ୍ମାତ୍ରମ୍ । ଯଦ୍ୱିଭାତି ଚିନ୍ମାତ୍ରମ୍ ।
ଯତ୍-ପ୍ରିୟମାନନ୍ଦଂ ତଦେତତ୍ସର୍ବାକାରା ମହାତ୍ରିପୁରସୁନ୍ଦରୀ ।
ତ୍ୱଂ ଚାହଂ ଚ ସର୍ବଂ ବିଶ୍ୱଂ ସର୍ବଦେବତା । ଇତରତ୍ସର୍ବଂ ମହାତ୍ରିପୁରସୁନ୍ଦରୀ ।
ସତ୍ୟମେକଂ ଲଲିତାଖ୍ୟଂ ବସ୍ତୁ ତଦଦ୍ୱିତୀୟମଖଣ୍ଡାର୍ଥଂ ପରଂ ବ୍ରହ୍ମ ।
ପଞ୍ଚରୂପପରିତ୍ୟାଗାଦସ୍ୱରୂପପ୍ରହାଣତଃ ।
ଅଧିଷ୍ଠାନଂ ପରଂ ତତ୍ତ୍ୱମେକଂ ସଚ୍ଛିଷ୍ୟତେ ମହତ୍ ।। ଇତି ।

ପ୍ରଜ୍ଞାନଂ ବ୍ରହ୍ମେତି ବା ଅହଂ ବ୍ରହ୍ମାସ୍ମୀତି ବା ଭାଷ୍ୟତେ ।
ତତ୍ତ୍ୱମସୀତ୍ୟେବ ସଂଭାଷ୍ୟତେ ।
ଅୟମାତ୍ମା ବ୍ରହ୍ମେତି ବା ବ୍ରହ୍ମୈବାହମସ୍ମୀତି ବା ଯୋଽହମସ୍ମି ବା ସୋଽହମସ୍ମୀତି ବା ଯୋଽସୌ
ସୋଽହମସ୍ମୀତି ବା ଯା ଭାଷ୍ୟତେ ସୈଷା ଷୋଡଶୀ ଶ୍ରୀବିଦ୍ୟା ପଞ୍ଚଦଶାକ୍ଷରୀ
ଶ୍ରୀମହାତ୍ରିପୁରସୁନ୍ଦରୀ ବାଲାମ୍ବିକେତି ବଗଲେତି ବା ମାତଙ୍ଗୀତି ସ୍ୱୟଂବରକଲ୍ୟାଣୀତି
ଭୁବନେଶ୍ୱରୀତି ଚାମୁଣ୍ଡେତି ଚଣ୍ଡେତି ବାରାହୀତି ତିରସ୍କରିଣୀତି ରାଜମାତଙ୍ଗୀତି ବା
ଶୁକଶ୍ୟାମଲେତି ବା ଲଘୁଶ୍ୟାମଲେତି ବା ଅଶ୍ୱାରୂଢେତି ବା ପ୍ରତ୍ୟଙ୍ଗିରା ଧୂମାବତୀ
ସାବିତ୍ରୀ ସାରସ୍ୱତୀ ବ୍ରହ୍ମାନନ୍ଦକଲେତି ।
ଋଚୋ ଅକ୍ଷରେ ପରମେ ବ୍ୟୋମନ୍ ଯସ୍ମିନ୍ଦେବା ଅଧି ବିଶ୍ୱେ ନିଷେଦୁଃ ।
ଯସ୍ତନ୍ନ ବେଦ କିମୃଚା କରିଷ୍ୟତି । ଯ ଇତ୍ତଦ୍ୱିଦୁସ୍ତ ଇମେ ସମାସତେ ।। ଇତ୍ୟୁପନିଷତ୍ ।।

ହରିଃ ଓଁ ତତ୍ସତ୍ ।।

ଓଁ ବାଙ୍ମେ ମନସି ପ୍ରତିଷ୍ଠିତା । ମନୋ ମେ ବାଚି ପ୍ରତିଷ୍ଠିତମ୍ ।
ଆବିରାବୀର୍ମ ଏଧି । ବେଦସ୍ୟ ମ ଆଣୀସ୍ଥଃ । ଶ୍ରୁତଂ ମେ ମା ପ୍ରହାସୀଃ ।
ଅନେନାଧୀତେନାହୋରାତ୍ରାନ୍ ସଂଦଧାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି ।
ତନ୍ମାମବତୁ । ତଦ୍ବକ୍ତାରମବତୁ ।
ଅବତୁ ମାମ୍ । ଅବତୁ ବକ୍ତାରମ୍ । ଅବତୁ ବକ୍ତାରମ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି ବହ୍ବୃଚୋପନିଷତ୍ସମାପ୍ତା ।।

Not For Commercial Use